### କମେଣ୍ଟ ମାରି ଜଣେ ଗିରଫ

କଣିହାଁ,(ଡି.ଏନ୍.ଏ.)-ଜଣେ ଯୁବତୀଙ୍କୁ କମେଣ୍ଟ ମାରିବା ସହିତ ଗଣ୍ଡଗୋଳ କରିବା ଅଭିଯୋଗରେ କଣିହାଁ ଥାନା ପୋଲିସ ପଞ୍ଚୁ ଗୋଚ୍ଛାୟତଙ୍କୁ ଗିରଫ କରିଛି। ପଞ୍ଚୁଙ୍କ ବିରୋଧରେ ଡେରେଙ୍ଗ ଗ୍ରାମର ସାଗର ନାଏକ ଶୁକ୍ରବାର ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ନଂ. ୨୧/୨୨ରେ ପୋଲିସ ଏକ ମାମଲା ରୁଜୁ କରିଥିଲା। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ କହିଛି।

## ସଂକ୍ଷେପରେ

### ରାମମନ୍ଦିର ପ୍ରତିଷ୍ଠା ଉତ୍ସବ

**କଣିହାଁ, ୩୦।୧(ଡି.ଏନ୍.ଏ.):** ଅନୁଗୋଳ ଜିଲା କଣିହାଁ ବ୍ଲକ ଡେରେଙ୍ଗସ୍ଥିତ ଭଣେଶ୍ୱରୀ ପାହାଡ଼ ଉପରେ ନିର୍ମିତ ଭବ୍ୟ ରାମମନ୍ଦିର ପ୍ରତିଷ୍ଠା ଉତ୍ସବ ରବିବାରଠାରୁ ଆରମ୍ଭ ହୋଇଛି। ଏହା ୩ ତାରିଖ ଯାଏ ଚାଲିବ ବୋଲି ଚାରିଧାମ ଆଞ୍ଚଳିକ ଶ୍ରୀରାମ ମନ୍ଦିର ଉନ୍ନୟନ ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରଥମ ଦିନ ଅଙ୍କୁରାରୋପଣ କରାଯାଇଥିଲା। ଗୁରୁବାର ପୂର୍ଣ୍ଣାହୁତି ଦିବସରେ ସାମୂହିକ ପ୍ରସାଦ ସେବନ ଅନୁଷ୍ଠିତ ହେବ। ବ୍ରହ୍ମଚାରୀ ବନମାଳୀ ଦାସ ମହାରାଜ, ମନ୍ଦିର କମିଟି ସଦସ୍ୟ, ଡେରେଙ୍ଗ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରୁଛନ୍ତି।

### କାର୍ ଧକ୍କାରେ ବାଇକ୍ ଆରୋହୀ ଗୁରୁତର

**ପବିତ୍ରନଗର, ୩୦।୧(ଡି.ଏନ୍.ଏ.):** ଅନୁଗୋଳ ଜିଲା କଣିହାଁ ବ୍ଲକ ସମଲ ଥାନା ଗହମସ୍ଥିତ ସାମକୋଇ ବ୍ରିଜ ଉପରେ ରବିବାର କାର୍ ଧକ୍କାରେ ଜଣେ ବାଇକ୍ ଚାଳକ ଗୁରୁତର ହୋଇଛନ୍ତି। ସେ ହେଲେ ଶିପୁର ଗ୍ରାମର ପଙ୍କଜ ସାମଲ। ସନ୍ଧ୍ୟାରେ ପଙ୍କଜ ତାଳଚେରରୁ ବାଇକ୍‌ରେ ଘରକୁ ଫେରୁଥିବା ବେଳେ ସମକୋଇ ବ୍ରିଜ ଉପରେ ବିପରୀତ ଦିଗରୁ ଆସୁଥିବା ଏକ କାର୍ ଧକ୍କା ଦେଇ ପଳାଇଥିଲା। ରାସ୍ତାରେ ଯାଉଥିବା ଲୋକମାନେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

### ଗୁପ୍‌ଚୁପ୍ ଛାଣିବା ବେଳେ ତେଲ ପଡ଼ି ଦମ୍ପତି ଗୁରୁତର

ଛେଣ୍ଡିପଦା, ୩୦।୧(ସ୍ୱ.ପ୍ର. )-ଅନୁଗୁଳ ଜିଲା ଛେଣ୍ଡିପଦା ଥାନା ନିକଟ ମଝିବଜାରରେ ରବିବାର ଗୁପଚୁପ୍ ଛାଣିବାବେଳେ ଗରମ ତେଲ ପଡ଼ି ଦମ୍ପତି ଗୁରୁତର ହୋଇଛନ୍ତି। ସେମାନେ ହେଲେ ବିହାର ଦରଭଙ୍ଗା ଜିଲାର ସଞ୍ଜୟ ଚୌଧୁରୀ ଏବଂ ତାଙ୍କ ସ୍ତ୍ରୀ ରାମଦୁଲାରୀ ଦେବୀ। ଉଭୟେ ଛେଣ୍ଡିପଦା ଅଞ୍ଚଳରେ ଘରଭଡ଼ା ନେଇ ଗୁପ୍‌ଚୁପ୍ ବ୍ୟବସାୟ କରୁଛନ୍ତି। ଗୁପ୍‌ଚୁପ୍ ଠୋଲା ଛାଣିବା ବେଳେ ଅସାବଧାନତାରୁ ତେଲ କଡେଇ ଢଳି ଯାଇ ଦୁହିଁଙ୍କ ଉପରେ ପଡ଼ିଯାଇଥିଲେ। ଚିତ୍କାର ଶୁଣି ପାଖପଡ଼ୋଶୀ ଦୌଡ଼ି ଆସି ସେମାନଙ୍କୁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସଞ୍ଜୟଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

### ଯାଞ୍ଚ ବେଳେ ଧକ୍କା ଦେଲା ସ୍କୁଟି, କନଷ୍ଟେବଲ ଗୁରୁତର



ଭୁବନ, ୩୦।୧(ଡି.ଏନ୍.ଏ.)-ଯାନବାହନ ଯାଞ୍ଚ କରୁଥିବାବେଳେ ଏକ ସ୍କୁଟି ଧକ୍କା ଦେବାରୁ ଭୁବନ ଥାନାର କନଷ୍ଟେବଲ ସତ୍ୟବ୍ରତ ଭୂୟାଁ ଗୁରୁତର ହୋଇଛନ୍ତି। ଏଥିରେ ତାଙ୍କ ଡାହାଣ ଗୋଡ଼ ଭାଙ୍ଗିଯାଇଛି। ତାଙ୍କୁ ପ୍ରଥମେ ଭୁବନ ଏବଂ ପରେ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଫେରାର ହୋଇଯାଇଥିବା ସ୍କୁଟି ଚାଳକଙ୍କୁ ପୋଲିସ ଧରିବାକୁ ଉଦ୍ୟମ ଚଳାଇଛି। ସୂଚନାଯୋଗ୍ୟ, ରବିବାର ସନ୍ଧ୍ୟାରେ ରଗଡ଼ି ଛକରେ ଯାନବାହନ ଏବଂ ମାସ୍କ ଯାଞ୍ଚ ଚାଲିଥିଲା। ଏହି ସମୟରେ ଏକ ସ୍କୁଟିରେ ୩ ଜଣ ଯୁବକ ଅତି ବେପରୁଆ ଭାବେ ଦ୍ରୁତଗତିରେ ଆସି ସତ୍ୟବ୍ରତଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲେ। ସତ୍ୟବ୍ରତ ତଳେ କଚାଡ଼ି ହୋଇ ପଡ଼ିବା ସହିତ ଗୁରୁତର ହୋଇଥିଲେ।

### ଫାର୍ମାସିଷ୍ଟଙ୍କୁ ଅବସର ସମ୍ବର୍ଦ୍ଧନା

କଣିହାଁ, ୩୦।୧(ଡି.ଏନ୍.ଏ.)-କଣିହାଁ ବ୍ଲକ ଅନ୍ତର୍ଗତ ପବିତ୍ର ନଗର ଡିଗ୍ରୀ ମହାବିଦ୍ୟାଳୟରେ ଫାର୍ମାସିଷ୍ଟ ଭଜମନ ପାଣିଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ବନୋଜ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଫାର୍ମାସିଷ୍ଟ ପାଣି ଏବଂ ତାଙ୍କ ସହଧର୍ମିଣୀ ନନ୍ଦିନୀବାଳା ପାଣିଙ୍କୁ ଫୁଲତୋଡ଼ା, ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଭଜମନଙ୍କ ସେବାଜୀବନ ବିଷୟରେ ଆଲୋକପାତ କରିଥିଲେ। ଚିତ୍ତରଞ୍ଜନ ପରିଡ଼ା ମଞ୍ଚ ପରିଚାଳନା କରିଥିଲେ। ଏଥିରେ ଶିକ୍ଷାବିତ୍ ରବି ଚନ୍ଦ୍ର ରାଉତ, ବୀରବର ସାହୁ, ପୁରୁଷୋତ୍ତମ ବେହେରା, ଲମ୍ବୋଦର ପ୍ରଧାନ, ସଦାନନ୍ଦ ମହାନ୍ତି, ଅରୁଣ କୁମାର ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଇଂଲିଶ ଅଧାପକ ଧନଞ୍ଜୟ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।




# ଦୁର୍ଘଟଣା ପରେ ଦୁନିଆ ଅନ୍ଧାର

**ପରଜଙ୍ଗ, ୩୦।୧(ଡି.ଏନ୍.ଏ.)**

- ୨ବର୍ଷ ହେଲା ରୋଜଗାରିଆ ପୁଅ ଶଯ୍ୟାଶାୟୀ
- ଚିକିତ୍ସା ପାଇଁ ବିକା ସରିଲାଣି ଶେଷ ସମ୍ବଳ

ସ୍ୱଳ୍ପ ରୋଜଗାରରେ ବେଶି ବଳକା ନ ହେଲେ ବି ସୁରୁଖୁରୁରେ ଚଳିଯାଉଥିଲା ପରିବାର। ହେଲେ ଦୁର୍ଘଟଣାରେ ଘରର ରୋଜଗାରିଆ ପୁଅର ୨ ଗୋଡ଼ ଅଚଳ ହୋଇଯିବା ପରେ ଘୋଟିଆସିଛି ଅନ୍ଧାର। ଶେଯରେ ଶୋଇଶୋଇ ୨ବର୍ଷ କଟିଗଲାଣି। କାମରେ ଆସୁନି ସରକାରଙ୍କ ନିଃଶୁଳ୍କ ବିଜୁ ସ୍ୱାସ୍ଥ୍ୟ ବୀମା କାର୍ଡ। ହାତରେ ସମ୍ବଳ ନ ଥିବାରୁ ସମ୍ଭବ ହେଉନି ଚିକିତ୍ସା। ଏଭଳି ସମୟରେ ଯନ୍ତ୍ରଣାରେ ଛଟପଟ ହେଉଥିବା ପୁଅର କଷ୍ଟକୁ ପାଖରୁ ଦେଖିବା ଛଡ଼ା ବୟସ୍କ ମା'ବାପାଙ୍କ ପାଖରେ ଅନ୍ୟ ବିକଳ୍ପ ନାହିଁ। ସବୁଆଡ଼ୁ ନିରାଶ ହେବା ପରେ ଶେଷରେ ପୁଅ ଜୀବନ ବଞ୍ଚାଇବା ପାଇଁ ସହୃଦୟଙ୍କ ସହାୟତା ଲୋଡ଼ିଛନ୍ତି ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ କନ୍ତୋର ପଞ୍ଚାୟତ କୋଷ୍ଟିଆବେଢ଼ା ଗ୍ରାମର ମକରଧ୍ୱଜ ନାଏକ ଏବଂ ସ୍ତ୍ରୀ ମନୋରମା।

ମକରଧ୍ୱଜ ଏବଂ ମନୋରମାଙ୍କ ସାନପୁଅ ଜ୍ଞାନରଞ୍ଜନ ଭୁବନର ଏକ ହୋଟେଲରେ ମିସ୍ତ୍ରି ଭାବେ କାମ କରୁଥିଲେ। ୨୦୧୯ ନଭେମ୍ବର ୧୬ ରାତି ପ୍ରାୟ ୯ଟାରେ କାମ ସାରି ଘରକୁ ଫେରିବା ବେଳେ ଗାଁ ନିକଟରେ ଏକ କାର୍ ତାଙ୍କୁ ପଛରୁ ଧକ୍କା ଦେଇଥିଲା। ଚେତାଶୂନ୍ୟ ଅବସ୍ଥାରେ ପଡ଼ିଥିବାବେଳେ ଘର ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ କାମାକ୍ଷାନଗର ଚିକିତ୍ସାଳୟକୁ ନେଇଥିଲେ। ଅବସ୍ଥା ଗମ୍ଭୀର ଥିବାରୁ ତାଙ୍କୁ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ସେଠାରେ ୩ଦିନର ଚିକିତ୍ସା ପରେ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରିଦେଇଥିଲେ ଡାକ୍ତର। ୨ମାସର ଚିକିତ୍ସା ପରେ ଧୀରେ ଧୀରେ ସୁସ୍ଥ ହୋଇଯିବେ କହି ଡାକ୍ତର ଜ୍ଞାନରଞ୍ଜନଙ୍କୁ ଘରକୁ ଫେରାଇ ଦେଇଥିଲେ। ହେଲେ ଅଦ୍ୟାବଧି ସେ ଶେଯରୁ ଉଠିପାରୁନାହାନ୍ତି। ଦୀର୍ଘଦିନ ଧରି ପଡ଼ିରହିବା ପରେ ତାଙ୍କ ଦେହସାରା ଘା' ହୋଇଯାଇଛି। ଦୁଇଗୋଡ଼ ଅକାମୀ ହୋଇଯିବା କାରଣରୁ ସେ ଛିଡ଼ା ହୋଇପାରୁନାହାନ୍ତି। ରାଜ୍ୟ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ ବୀମା କାର୍ଡ ଥିଲେ ହେଁ ତାହାକୁ କୌଣସି ବଡ଼ ସ୍ୱାସ୍ଥ୍ୟକେନ୍ଦ୍ର ଗ୍ରହଣ କରୁନାହାନ୍ତି। ପୁଅ ଚିକିତ୍ସାରେ ଏକମାତ୍ର ସମ୍ବଳ ଘରଡିହ ଖଣ୍ଡିକ ମଧ୍ୟ ବିକ୍ରି ହୋଇସାରିଲାଣି। ଜ୍ଞାନରଞ୍ଜନଙ୍କ ୪ ଭାଇ ମଧ୍ୟରୁ ୨ ଜଣ ଅଲଗା ହୋଇଯାଇଛନ୍ତି। ବାର୍ଦ୍ଧକ୍ୟରେ ଦୁଇ ଓଳି ଦି ମୁଠା ଯୋଗାଡ଼ କରିବା ମକରଧ୍ୱଜଙ୍କ ପକ୍ଷେ କଷ୍ଟକର ହୋଇଯାଇଥିବାବେଳେ ସେ ପୁଅର ଚିକିତ୍ସା ଲାଗି ସହୃଦୟ ବ୍ୟକ୍ତିଙ୍କ ସହାୟତା ଲୋଡ଼ିଛନ୍ତି। ତାଙ୍କୁ ମୋବାଇଲ୍ ନଂ. ୯୬୯୨୮୪୦୫୩୪ରେ ଯୋଗାଯୋଗ କରିପାରିବେ ବୋଲି ମକରଧ୍ୱଜ ଏବଂ ମନୋରମା ନିବେଦନ କରିଛନ୍ତି।

ଏ ସମ୍ପର୍କରେ ବିଡିଓ ବିନୋଦ ବିହାରୀ ବେହେରା କୁହନ୍ତି, ନିକଟରେ ସ୍ୱାସ୍ଥ୍ୟବୀମା କାର୍ଡ ଲାଗୁ ହୋଇଛି। ଏହାକୁ ଦେଖାଇଲେ ଚିକିତ୍ସା ସୁବିଧା ମିଳିପାରିବ। ତେବେ ଏଭଳି ଅସହାୟ ପରିବାରକୁ ପ୍ରଶାସନିକସ୍ତରରେ ସମସ୍ତ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।


ଶଯ୍ୟାଶାୟୀ ଜ୍ଞାନରଞ୍ଜନଙ୍କ ନିକଟରେ ମା'ବାପା।

# ହତ୍ୟା ପଛରେ ଯୌତୁକ ଲୋଭ

**ଛେଣ୍ଡିପଦା, ୩୦।୧(ସ୍ୱ.ପ୍ର.)**

**ମିଲି ହତ୍ୟାକାଣ୍ଡ ରହସ୍ୟ ଉନ୍ମୋଚିତ**

ଅନୁଗୋଳ ଜିଲା ନିଶା ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ରାଇଝରଣ ଗ୍ରାମ ଟାଙ୍ଗର ସାହିରେ ଶନିବାର ଘଟିଥିବା ମିଲି ସାହୁ ହତ୍ୟାକାଣ୍ଡର ରହସ୍ୟ ଉନ୍ମୋଚିତ ହୋଇଛି। ହତ୍ୟା ପଛରେ ସ୍ୱାମୀ ପଦ୍ମଚରଣ ସାହୁଙ୍କ ଯୌତୁକ ଲୋଭ ସ୍ପଷ୍ଟ ହୋଇଥିବାବେଳେ ସେ ହିଁ ଅତି ନିର୍ମମ ଭାବେ ମିଲିଙ୍କୁ ହତ୍ୟାକରି କୂଅରେ ଫିଙ୍ଗି ଦେଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ମୃତା ମହିଳାଙ୍କ ଭାଇ ସନ୍ତୋଷଙ୍କ ଅଭିଯୋଗକ୍ରମେ ନଂ. ୧୫/୨୧, ଦଫା ୪୯୮ (ଏ), ୩୦୨, ୩୦୪ (ବି) ୨୦୧, ୩୪ ଆଇପିସି, ୪ ଡିପି ଆକ୍ଟରେ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି।

ସୂଚନାଯୋଗ୍ୟ, ଜରପଡ଼ା ଥାନା କୁଶକିଳା ଗ୍ରାମର ଚେରୁ ପ୍ରଧାନଙ୍କ ଝିଅ ମିଲିଙ୍କ ସହିତ ରାଇଝରଣ ଗ୍ରାମର ଶତ୍ରୁଘ୍ନ ସାହୁଙ୍କ ପୁଅ ପଦ୍ମଚରଣଙ୍କ ବିବାହ ୨୦୧୦ରେ ହୋଇଥିଲା। ସେମାନଙ୍କର ଦୁଇ ଝିଅପୁଅ ଅଛନ୍ତି। ଶନିବାର ଅପରାହ୍ନରେ ମିଲି ସ୍ୱାମୀଙ୍କ ସହ ବଗିଚାକୁ ପାଣି ମଡ଼ାଇବାକୁ ଯାଇ ଫେରି ନ ଥିଲେ। ପଡ଼ୋଶୀଙ୍କଠାରୁ ସୂଚନା ପାଇ ଭାଇ ସନ୍ତୋଷ ପହଞ୍ଚି ତନାଘନା କରିବା ବେଳେ କୂଅରେ ଭଉଣୀଙ୍କ ମୃତଦେହ ଭାସୁଥିବା ଦେଖିବାକୁ ପାଇଥିଲେ। ସୂଚନା ପାଇ ନିଶା ଶିଳ୍ପାଞ୍ଚଳ ଥାନା ପୋଲିସ ପହଞ୍ଚିଥିଲା। ତେବେ ରାତି ହୋଇଯାଇଥିବାରୁ ମୃତଦେହ ବାହାର କରିବା କଷ୍ଟକର ହୋଇଥିଲା। ରବିବାର ଅପରାହ୍ନ ୨ଟାରେ ଛେଣ୍ଡିପଦା ଦମକଳ ବାହିନୀ କର୍ମଚାରୀ ପହଞ୍ଚି ପ୍ଲାଷ୍ଟିକ ରଶିରେ ବନ୍ଧା ଯାଇଥିବା ମିଲିଙ୍କ ମୃତଦେହକୁ କୂଅରୁ ବାହାର କରିଥିଲେ। ସାଇଣ୍ଟିଫିକ ଟିମ, ସନ୍ଧାନୀ କୁକୁର ସହାୟତାରେ ଅନୁଗୋଳ ଅତିରିକ୍ତ ତହସିଲଦାର ତଥା ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଘଟଣାର ତଦନ୍ତ କରାଯାଇଛି।

ଯୌତୁକ ବାବଦ ଟଙ୍କାକୁ ନେଇ ସ୍ତ୍ରୀ-ସ୍ୱାମୀଙ୍କ ମଧ୍ୟରେ ପୂର୍ବରୁ ବହୁବାର ଝଗଡ଼ା ହୋଇଥିଲା। ଶନିବାର ଅପରାହ୍ନରେ ପଦ୍ମଚରଣ ଏବଂ ମିଲି ଟାଙ୍ଗରସାହି ବଗିଚାକୁ କାମ କରିବାକୁ ଯାଇଥିବାବେଳେ ସେଠାରେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ପଦ୍ମଚରଣ ଏକ କାଙ୍କରେ ମିଲିଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଚେତାଶୂନ୍ୟ ହୋଇ ଯିବାପରେ ଏକ ରଶିରେ ବାନ୍ଧି କୂଅରେ ପକାଇ ଦେଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ମୃତଦେହ ବ୍ୟବଚ୍ଛେଦ ଲାଗି ଜିଲା ଚିକିତ୍ସାଳୟକୁ ପଠାଯାଇଥିବାବେଳେ ଅଭିଯୁକ୍ତଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି।

# ଫାଇନାଲ ରାଉଣ୍ଡ ଅଡିଶନରେ ମିଳନ

**ଢେଙ୍କାନାଳ ଅଫିସ, ୩୦।୧**

**ସୁପରଷ୍ଟାର ସିଙ୍ଗର-୨**

ଜାତୀୟସ୍ତରୀୟ ମଞ୍ଚରେ ଲଗାତର ଚମକୁଛନ୍ତି ଢେଙ୍କାନାଳ ଜିଲାର ପ୍ରତିଭାବାନ ଯୁବପିଢ଼ି। ଏମ୍‌ଟିଭି ଫ୍ୟାଶନ ରିୟଲିଟି ଶୋ'ରେ ସ୍ୱପ୍ନା ପ୍ରିୟଦର୍ଶିନୀ, 'ମିଶନ ଡ୍ରିମ୍ସ ମିସ୍ ଇଣ୍ଡିଆ-୨୦୨୧'ରେ ଜଗଜିତା ଦାସଙ୍କ ପରେ ସୋନି ଟିଭିରେ ପ୍ରସାରିତ ସିଙ୍ଗିଙ୍ଗ୍ ରିୟଲିଟି ଶୋ' 'ସୁପରଷ୍ଟାର ସିଙ୍ଗର-୨'ର ଫାଇନାଲ ରାଉଣ୍ଡ ଅଡିଶନ ପାଇଁ ମନୋନୀତ ହୋଇଛନ୍ତି ସଦର ବ୍ଲକ ବେଲଟିକିରି ଗ୍ରାମର ପ୍ରତିଭାବାନ କଣ୍ଠଶିଳ୍ପୀ ମିଳନ ଦାସ। ଆସନ୍ତା ୨ ତାରିଖରେ ସେ ମୁମ୍ବାଇର ଅନ୍ଧେରୀ ୱେଷ୍ଟରେ ହେବାକୁ ଥିବା ଅଡିଶନରେ ଭାଗନେବେ। ଏଥିଲାଗି ୧ ତାରିଖରେ ମା' ସହିତ ମୁମ୍ବାଇ ଯାତ୍ରା କରିବେ ବୋଲି କହିଛନ୍ତି।

ବେଲଟିକିରି ଗ୍ରାମର ସ୍ୱର୍ଗତ ମନୋଜ କୁମାର ଦାସ ଏବଂ ସାଗରିକା ଦାସଙ୍କ କନିଷ୍ଠ କନ୍ୟା ମିଳନ ଢେଙ୍କାନାଳ ସେଣ୍ଟ ଜାଭିୟର୍ସ ସ୍କୁଲର ୭ମ ଶ୍ରେଣୀର ଛାତ୍ରୀ। ନିଜର ବହୁମୁଖୀ ପ୍ରତିଭା ବଳରେ ସେ ରାଜ୍ୟସ୍ତରରେ ସାଉଁଟିଛନ୍ତି ଅଜସ୍ର ପ୍ରଶଂସା। ସୁପରଷ୍ଟାର ସିଙ୍ଗର-୨ ପ୍ରତିଯୋଗିତା ପାଇଁ ଅନଲାଇନ ଅଡିଶନରେ ଉତ୍ତୀର୍ଣ୍ଣ ହେବା ପରେ ଫାଇନାଲ ରାଉଣ୍ଡ ଅଡିଶନ ପାଇଁ ତାଙ୍କୁ ଡାକରା ଆସିଛି, ଯାହାକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି ମିଳନ। ଉଭୟ କ୍ଲାସିକାଲ ଏବଂ ୱେଷ୍ଟର୍ନ ସଙ୍ଗୀତ ସାଙ୍ଗକୁ ନୃତ୍ୟରେ ମିଳନଙ୍କ ରୁଚି ରହିଛି। ଗୁରୁ ଯାମିନୀ ରଞ୍ଜନ ଦାସଙ୍କଠାରୁ ସଙ୍ଗୀତ ଏବଂ ନାଟ୍ୟକାର ଦୀନେଶ ଦାସଙ୍କଠାରୁ ସେ ଅଭିନୟ ଶିକ୍ଷା କରୁଛନ୍ତି। ବଡ଼ ଭଉଣୀ ସିମରନ୍ ମଧ୍ୟ ଜଣେ ପ୍ରତିଭାବାନ କଣ୍ଠଶିଳ୍ପୀ। ସେ ଏବେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ରୀ। ବାପା ମନୋଜଙ୍କ ୨୦୧୯ରେ ଦେହାନ୍ତ ହୋଇଯିବା ପରେ ମା' ସାଗରିକାଙ୍କ ପ୍ରେରଣାରେ ଦୁଇଭଉଣୀ ଲକ୍ଷ୍ୟକୁ ବାସ୍ତବ ରୂପ ଦେବାକୁ ଆପ୍ରାଣ ଉଦ୍ୟମ ଜାରି ରଖିଛନ୍ତି। ଭବିଷ୍ୟତରେ ଜଣେ ପ୍ରସିଦ୍ଧ କଣ୍ଠଶିଳ୍ପୀ, ଡାକ୍ତର ଏବଂ ମିସ୍ ଇଣ୍ଡିଆ ହେବାକୁ ଲକ୍ଷ୍ୟ ରଖିଥିବା ମିଳନଙ୍କ ଏଭଳି ସଫଳତା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।


ମିଳନ ଦାସ।

# ବାପୁଜୀଙ୍କ ତିରୋଧାନ ଦିବସ


କାର୍ଯ୍ୟକ୍ରମରେ ଅତିଥିମାନେ।

**ଅନୁଗୋଳ ଅଫିସ, ୩୦।୧**

ଅନୁଗୋଳ ସହର ଉପକଣ୍ଠ ରାଣୀଗୋଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରବିବାର ଜାତିର ଜନକ ମହାମାନବ ମହାତ୍ମା ଗାନ୍ଧୀଙ୍କ ୭୪ତମ ପୁଣ୍ୟତିଥି କୋଭିଡ୍ କଟକଣା ମଧ୍ୟରେ ପାଳିତ ହୋଇଯାଇଛି। ମୋ ସ୍କୁଲ ଅଭିଯାନ ସଭାପତି ପୂର୍ଣ୍ଣଚନ୍ଦ୍ର ସିଂସାମନ୍ତ ମୁଖ୍ୟ ଅତିଥି, କମିଟି ସଦସ୍ୟ ତ୍ରେତାନନ୍ଦ ସାମନ୍ତ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଭାରତ ସ୍ୱାଧୀନତା ଆନ୍ଦୋଳନର କଥା ଯେବେ ଉଠିବ, ସେତେବେଳେ ମହାତ୍ମା ମନେପଡ଼ିବେ। ଅହିଂସାକୁ ଅସ୍ତ୍ର ଭାବେ ବ୍ୟବହାର କରି ବିଶ୍ୱରେ ଆଲୋଡ଼ନ ସୃଷ୍ଟି କରିଥିବା ବାପୁଜୀ ସର୍ବାଦ୍ଭୁତ ଜନପ୍ରିୟ ନେତା ହୋଇ ରହିଛନ୍ତି। ଦେହାତୀତ ପରେ ବି ତାଙ୍କ ନାମ ଦେଶବିଦେଶରେ ଗର୍ବର ସହିତ ଉଚ୍ଚାରଣ କରାଯାଉଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶିକ୍ଷକ ଗିରୀଶ ଚନ୍ଦ୍ର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମହିଳାଙ୍କୁ ଭୁଜାଲି ଚୋଟ

**ବଇଣ୍ଡା, ୩୦।୧(ଡି.ଏନ୍.ଏ.)**

କିଶୋରନଗର ଥାନା ଗୁରୁଜାଙ୍ଗ ଗ୍ରାମର ଶୈଳ ଭୋଇଙ୍କୁ ଭୁଜାଲିରେ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ପୋଲିସ ନଂ. ୧୫/୨୨ରେ ମାମଲା ରୁଜୁ କରି ଅଭିଯୁକ୍ତ ସୁରମଣି ଭୋଇଙ୍କୁ ଗିରଫ କରି ଆଠମଲ୍ଲିକ କୋର୍ଟ ଚାଲାଣ କରିଛି। ପାରିବାରିକ ବିବାଦକୁ କେନ୍ଦ୍ର କରି ଏହି ଆକ୍ରମଣ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଶୈଳଙ୍କ ହାତରେ ଗଭୀର କ୍ଷତ ସୃଷ୍ଟି ହୋଇଛି। କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପରେ ସେ ଥାନାରେ ଅଭିଯୋଗ କରିଥିବା ଆଇଆଇସି ଆନନ୍ଦ କୁମାର ଡୁଙ୍ଗଡୁଙ୍ଗ୍ କହିଛନ୍ତି।

# ୪୫ ପଜିଟିଭ୍ ଚିହ୍ନଟ

ଢେଙ୍କାନାଳ ଅଫିସ, ୩୦।୧-ଢେଙ୍କାନାଳ ଜିଲାରୁ ରବିବାର ୪୫ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨୫ଜଣ ଗୃହ ସଙ୍ଗରୋଧରେ ଥିବା ବେଳେ ୨୦ଜଣ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ସଦର ବ୍ଲକରୁ ୫, କାମାକ୍ଷାନଗର ବ୍ଲକରୁ ୧୩ ଓ ଏନ୍‌ଏସିରୁ ୧, ଭୁବନ ବ୍ଲକରୁ ୨ ଏବଂ ଏନ୍‌ଏସିରୁ ୧, ଓଡ଼ାପଡ଼ା ବ୍ଲକରୁ ୬, କଙ୍କଡ଼ାହାଡ଼ ବ୍ଲକରୁ ୬, ହିନ୍ଦୋଳ ବ୍ଲକରୁ ୪, ଗଁଦିଆ ବ୍ଲକରୁ ୩, ପରଜଙ୍ଗ ବ୍ଲକରୁ ୧, ଢେଙ୍କାନାଳ ପୌରାଞ୍ଚଳରୁ ୧ ଏବଂ ଅନ୍ୟ ଚିକିତ୍ସାଳୟରୁ ୩ ଜଣ ରହିଛନ୍ତି। ସେହିପରି ଜଣେ ସଂକ୍ରମିତଙ୍କ ଜୀବନ ଯିବା ପରେ ମୋଟ୍ କୋଭିଡ୍‌ଜନିତ ମୃତ୍ୟୁସଂଖ୍ୟା ୨୫୦ରେ ପହଞ୍ଚିଛି। ଏଥିସହ ଦିନକରେ ୩୮ଜଣ ସୁସ୍ଥ ହୋଇଛନ୍ତି। ଜିଲାରେ ୬୨୮ ସକ୍ରିୟ ଆକ୍ରାନ୍ତ ଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ବିଜେଡିର ମିଶ୍ରଣ ପର୍ବ

**ଅନୁଗୋଳ ଅଫିସ, ୩୦।୧**

ଅନୁଗୋଳ ବିଜେଡି କାର୍ଯ୍ୟାଳୟରେ ଶନିବାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତିଆଦର୍ଶ ଏବଂ ବିଧାୟକ ରଜନୀକାନ୍ତ ସିଂଙ୍କ କାର୍ଯ୍ୟଧାରାରେ ଅନୁପ୍ରାଣିତ ହୋଇ ବଣ୍ଟରପାଳ ବ୍ଲକ ତୁଳସୀପାଳ ପଞ୍ଚାୟତର ୫ ଭାଜପା କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ସେମାନେ ହେଲେ ପ୍ରଶାନ୍ତ ପାତ୍ର, ଶଙ୍କର ପ୍ରଧାନ, ଗୋପୀନାଥ ବିଶ୍ୱାଳ, ଜୀବନଜ୍ୟୋତି ସାହୁ, ଅନ୍ତର୍ଯ୍ୟାମୀ ସାହୁ, ଅସିତ ବିଶ୍ୱାଳ। ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ବିଜେଡି ସଭାପତି ମହେନ୍ଦ୍ର ବସ୍ତିଆ, ଉପସଭାପତି ବାଉରୀ ବନ୍ଧୁ ସାହୁ, ପର୍ଯ୍ୟବେକ୍ଷକ ଯତୀଶ ଚନ୍ଦ୍ର ଦାସ, ବଣ୍ଟରପାଳ ବ୍ଲକ ବିଜେଡି ସଭାପତି ବିଜୟ କୁମାର ନାଥ, ସାଧାରଣ ସମ୍ପାଦକ ଅନିରୁଦ୍ଧ ସାହୁ, ଅରୁଣାଭ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# କୌଶଳ ବିକାଶ ଦିବସ

**ବନ୍ତଳା, ୩୦।୧(ଡି.ଏନ୍.ଏ.):** ଅନୁଗୋଳ ଜିଲା ଅନନ୍ତପାଲି ଗ୍ରାମସ୍ଥିତ ବାଉଁଶ ହସ୍ତଶିଳ୍ପ ତାଲିମ କେନ୍ଦ୍ର ପରିସରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଡୋଭ' ପକ୍ଷରୁ କୌଶଳ ବିକାଶ ଦିବସ ପାଳିତ ହୋଇଯାଇଛି। ଅନୁଗୋଳ ନେହେରୁ ଯୁବ କେନ୍ଦ୍ର, ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ସହାୟତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ 'ଡୋଭ'ର ସମ୍ପାଦକ ଅନିଲ ମିଶ୍ର, ବାଉଁଶ ହସ୍ତଶିଳ୍ପ କେନ୍ଦ୍ରର ମାଷ୍ଟର କ୍ରାଫ୍ଟସ୍ ପର୍ସନ ମେନକା ପ୍ରଧାନ, କ୍ଲଷ୍ଟର ପରିଚାଳକ ବିନୟ ସାମଲ, ସ୍ୱେଚ୍ଛାସେବୀ ସିନ୍ଧୁସାଗର ବାରିକ, ଅବିନାଶ ଧଳ ଯୋଗଦେଇଥିଲେ। ରୋଜଗାର ଅଭିବୃଦ୍ଧି, ଆତ୍ମନିଯୁକ୍ତି, ଦକ୍ଷତା ବିକାଶ ଲାଗି ସରକାର ବହୁବିଧ ପଦକ୍ଷେପ ନେଉଛନ୍ତି। ଅଞ୍ଚଳବାସୀଙ୍କ ସହଯୋଗ ରହିଲେ ଯୋଜନାର ସୁଫଳ ମିଳିପାରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।



ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରୁଛନ୍ତି।

# ୫୮ ସଂକ୍ରମିତ, ୧୧୪ ସୁସ୍ଥ

**ଅନୁଗୋଳ ଅଫିସ, ୩୦।୧:** ଅନୁଗୋଳ ଜିଲାରୁ ରବିବାର ୫୮ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୧୧୪ଜଣ ସୁସ୍ଥ ହୋଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ ବଣ୍ଟରପାଳ ବ୍ଲକରୁ ୧୨, ଛେଣ୍ଡିପଦା ବ୍ଲକରୁ ୮, କଣିହାଁ ବ୍ଲକରୁ ୮, ଅନୁଗୋଳ ବ୍ଲକରୁ ୬, ତାଳଚେର ବ୍ଲକରୁ ୬, ଅନୁଗୋଳ ପୌରାଞ୍ଚଳରୁ ୫, ତାଳଚେର ପୌରାଞ୍ଚଳରୁ ୫, ପାଲଲହଡ଼ା ବ୍ଲକରୁ ୪, ଆଠମଲ୍ଲିକ ବ୍ଲକରୁ ୨, କିଶୋରନଗର ବ୍ଲକରୁ ୨ଜଣ ଅଛନ୍ତି। ଜିଲାରେ କୋଭିଡ୍‌ଜନିତ ମୃତ୍ୟୁସଂଖ୍ୟା ୪୦୮ ହୋଇଥିବା ବେଳେ ଅଦ୍ୟାବଧି ୬ଲକ୍ଷ ୧୮ହଜାର ୨୯୮ଜଣଙ୍କ ଟିକାକରଣ କରାଯାଇଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି।

# ଅହିଂସା ମାର୍ଗ ଆପଣାଇବାକୁ ପରାମର୍ଶ


କାର୍ଯ୍ୟକ୍ରମରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

**ଢେଙ୍କାନାଳ ଅଫିସ, ୩୦।୧**

ଢେଙ୍କାନାଳ ଜିଲା ସଂସ୍କୃତି ବିଭାଗ ପକ୍ଷରୁ ବସ୍‌ଷ୍ଟାଣ୍ଡସ୍ଥିତ ଗାନ୍ଧୀପାର୍କ ପରିସରରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ୭୪ତମ ମହାପ୍ରୟାଣ ଦିବସ ପାଳିତ ହୋଇଯାଇଛି। ଜିଲାପାଳ ସରୋଜ କୁମାର ସେଠୀ ଯୋଗଦେଇ ବାପୁଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ଆୟୋଜିତ ସର୍ବଧର୍ମ ପ୍ରାର୍ଥନା କାର୍ଯ୍ୟକ୍ରମରେ ଅନୁପମା ମିଶ୍ର ଗୀତାପାଠ, ନଜରୁଲ ଇସଲାମ କୋରାନ ପାଠ ଏବଂ ସରୋଜ କୁମାର ସିଂ ବାଇବେଲ୍ ପାଠ କରିଥିଲେ। ଗୁରୁ ଯାମିନୀ ରଞ୍ଜନ ଦାସ, କଣ୍ଠଶିଳ୍ପୀ କାବେରୀ ପ୍ରିୟଦର୍ଶିନୀ ଗାନ୍ଧିଜୀଙ୍କ ପ୍ରିୟ ଭଜନ ଗାନ କରିଥିଲେ। ଅହିଂସା ମାର୍ଗ ଆପଣାଇଲେ ସୁଖଶାନ୍ତି ବଜାୟ ରହିବ ବୋଲି ଜିଲାପାଳ ପରାମର୍ଶ ଦେଇଥିଲେ। ରାଜ୍ୟ ଲୋକକଳା ସଂଘ ଉପସଭାପତି ଅବନୀ କୁମାର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଜିଲା ସଂସ୍କୃତି ଅଧିକାରୀ ଶୁକ୍ରୁ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜଙ୍ଗଲ ସୁରକ୍ଷା ଲାଗି ଏକାଠି

**ବଇଣ୍ଡା, ୩୦।୧(ଡି.ଏନ୍.ଏ.)**

**ମିଳୁନି ବନ ବିଭାଗ ସହଯୋଗ**

କିଶୋରନଗର ବ୍ଲକ ହଣ୍ଡପା ରେଞ୍ଜ୍ ଅଧୀନ ନୁନୁକାପଶି ଗ୍ରାମ୍ୟ ଜଙ୍ଗଲକୁ ସୁରକ୍ଷା ଦେବାକୁ ଅଣ୍ଟା ଭିଡ଼ିଛନ୍ତି ଅଞ୍ଚଳବାସୀ। ରବିବାର ସ୍ଥାନୀୟ ବାସିନ୍ଦା ଏକାଠି ହୋଇ ଜଙ୍ଗଲ ଚତୁଃପାର୍ଶ୍ୱରେ ଥିବା ବୁଦା ସଫା କରି ସୀମା ନିର୍ଦ୍ଧାରଣ କରିଛନ୍ତି। ତେବେ ଜଙ୍ଗଲ ସୁରକ୍ଷା ଲାଗି ବନ ବିଭାଗ ପକ୍ଷରୁ ଆବଶ୍ୟକ ସହଯୋଗ ମିଳୁ ନ ଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

୧୯୯୦ରୁ ୨୫୦ ଏକରବିଶିଷ୍ଟ ନୁନୁକାପଶି ଗ୍ରାମ୍ୟ ଜଙ୍ଗଲକୁ ଗ୍ରାମବାସୀ ସୁରକ୍ଷା ଦେଇ ଆସୁଛନ୍ତି। ୨୦୦୮ରେ ବନ୍ୟ ସୁରକ୍ଷା ସମିତି ଗଠନ କରାଯାଇଛି। ତେବେ ଦୀର୍ଘ ୩୧ ବର୍ଷ ମଧ୍ୟରେ ବନ ବିଭାଗ ପକ୍ଷରୁ ବନୀକରଣ ଦିଗରେ ପଦକ୍ଷେପ ନିଆଯାଇନାହିଁ। ୨୦୦୯ରେ ଗ୍ରାମବାସୀଙ୍କ ଉଦ୍ୟମରେ ୮୦୦ ଚାରା ରୋପଣ କରାଯାଇଥିଲା। ଏବେ ସେସବୁ ବଡ଼ ହୋଇଗଲାଣି। କାଠ ମାଫିଆଙ୍କ କବଳରୁ ଜଙ୍ଗଲକୁ ସୁରକ୍ଷା ଦେବାକୁ ଦୈନିକ ଗ୍ରାମର ୨ଜଣ ପାଳି କରି ଜଗୁଛନ୍ତି। ଯେପରି କାଠ ଚାଲାଣ ନ ହେବ ସେଥିଲାଗି ଗୁରୁତ୍ୱ ଦିଆଯାଉଛି। ଗ୍ରାମ୍ୟ ଜଙ୍ଗଲ କ୍ଷେତ୍ରରେ କିଭଳି ବିକାଶ ହେବ ସେଥିଲାଗି ବହୁବାର ଜଙ୍ଗଲ ବିଭାଗକୁ ଦାବିପତ୍ର ମାଧ୍ୟମରେ ଅବଗତ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ତେଣୁ ତୁରନ୍ତ ଜଙ୍ଗଲ ବିକାଶ ପାଇଁ ସରକାର ଅନୁଦାନ ରାଶି ଯୋଗାଇବା ସହିତ ଚାରା ରୋପଣ କରିବାକୁ ବନ୍ୟ ସୁରକ୍ଷା ସମିତି ସଭାପତି ରମେଶ କୁମାର ଘିୱାଲା, ସମ୍ପାଦକ ଦୋଳ ମହାଳିକ, ପଞ୍ଚାନନ ପ୍ରଧାନ, ସୁରେନ୍ଦ୍ର ସାହୁ, ଦୁର୍ଯ୍ୟୋଧନ ପ୍ରଧାନ, ନାରାୟଣ ପ୍ରଧାନ, ଅନ୍ତର୍ଯ୍ୟାମୀ ଦେହୁରି, ପ୍ରସନ୍ନ ଭୋଇ, ରମେଶ ବେହେରା, ପ୍ରଦୀପ ସାହୁ, ଜିତେନ୍ଦ୍ର ଭୋଇ ପ୍ରମୁଖ ଦାବି କରିଛନ୍ତି। ଅନ୍ୟପଟେ ନୁନୁକାପଶି ଜଙ୍ଗଲ ପ୍ରତି ଦୃଷ୍ଟି ଦିଆଯିବ କହି ହଣ୍ଡପା ରେଞ୍ଜର ଚୈତନ୍ୟ ବେହେରା ପ୍ରସଙ୍ଗ ଏଡ଼ାଇ ଦେଇଥିଲେ।


ଜଙ୍ଗଲ ସୁରକ୍ଷା ଲାଗି ଏକାଠି ହୋଇଥିବା ନୁନୁକାପଶି ଗ୍ରାମବାସୀ।

# ମଦ ଜବତ, ୨ ଗିରଫ

ବଇଣ୍ଡା, ୩୦।୧(ଡି.ଏନ୍.ଏ.)-ବଇଣ୍ଡା ଅବକାରୀ ବିଭାଗ ଶନିବାର ହଣ୍ଡପା ଥାନା କଦଳୀମୁଣ୍ଡା ଗ୍ରାମରେ ଚଢ଼ାଉ କରି ୭୦ ଲିଟର ଦେଶୀ ମହୁଲି ମଦ ଜବତ କରିଛି। ଏହି ଘଟଣାରେ ଶ୍ରୀକାନ୍ତ ପ୍ରଧାନ, କୀର୍ତ୍ତି ପ୍ରଧାନଙ୍କୁ ଗିରଫ କରାଯାଇଛି। ଅଞ୍ଚଳରେ ବେଆଇନ ମଦ କାରବାର ଚାଲିଥିବା ଅଭିଯୋଗ ପାଇ ଅବକାରୀ ବିଭାଗ ଅଧିକାରୀ ବଳବୀର ଗଡ଼ନାୟକଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇଥିଲା।

## ସଂକ୍ଷେପରେ

### ୧୧ କେନ୍ଦ୍ରରେ ପରୀକ୍ଷା ଦେଲେ ୨୫୨୯ ପରୀକ୍ଷାର୍ଥୀ

ଚମ୍ପୁଆ,୩୦।୧(ଡି.ଏନ.ଏ)- ଚମ୍ପୁଆ ସଦରମହକୁମା ସମେତ ଝୁମ୍ପୁରାକୁ ମିଶାଇ ୧୧ଟି ପରିକ୍ଷା କେନ୍ଦ୍ରରେ ଚଳିତ ଓଡ଼ିଶା ସବ-ଅର୍ଡିନେଟ୍ ଷ୍ଟାଫ ସିଲେକ୍ସନ କମିଶନ (ଓଏସ୍ଏସ୍ଏସ୍ସି) ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଅମିନ, ସହକାରୀ ରାଜସ୍ୱ ନିରୀକ୍ଷକ, ଅବକାରୀ କନଷ୍ଟେବଲ, ଫରେଷ୍ଟଗାର୍ଡ, ଷ୍ଟାଟିଷ୍ଟିକାଲ ଫିଲ୍ଡସର୍ଭେୟେର ପଦବୀ ପାଇଁ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଉପଜିଲାପାଳ ପ୍ରତାପ ପ୍ରିତିମୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପରିକ୍ଷାରେ ୨୫୨୯ ଜଣ ପରୀକ୍ଷା ଦେଇଥିଲେ। ଚମ୍ପୁଆ କେରଳ ଇଂରାଜୀ ବିଦ୍ୟାଳୟରେ ସର୍ବାଧିକ ୧୦୦୮ ପରିକ୍ଷାର୍ଥୀ ପରୀକ୍ଷା ଦେଇଥିଲେ।

### ଟ୍ରକ୍ ଧକ୍କାରେ ପଥଚାରୀ ମୃତ

କ୍ଷତିପୂରଣ ଦାବିରେ ରାସ୍ତାରୋକୋ

ପାଟଣା,୩୦।୧(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ କ୍ଷୀରେଇଟାଙ୍ଗିରି ଦେଇ ଯାଇଥିବା ୪୯ ନଂ ଏନ୍ଏଚ୍ର ଖୀରେଇଟାଙ୍ଗିରୀ ନିକଟରେ ରବିବାର ସନ୍ଧ୍ୟାରେ ଏକ ଟ୍ରକ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଡଳଙ୍ଗ ଗ୍ରାମର ନାରାୟଣ ଗାରଡିଆ। ରାସ୍ତା ପାର ହେଉଥିବାବେଳେ ତାଙ୍କୁ ଟ୍ରକ୍ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଉତ୍ୟକ୍ତ ଲୋକେ କ୍ଷତିପୂରଣ ଦାବିରେ ରାଜପଥ ଅବରୋଧ କରିଛନ୍ତି।ଘଟଣା ସ୍ଥଳରେ ତୁରୁମୁଙ୍ଗା ପୋଲିସ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଛି। ନାରାୟଣ ଖିରେଇଟାଙ୍ଗିରିର ଏକ ହୋଟେଲ ରେ କାମ କରୁଥିଲେ।

### ଆହତ ବାଇକ୍ ଆରୋହୀଙ୍କୁ ମେଡିକାଲ ନେଲେ ବିଡିଓ

ବସ୍ତା,୩୦।୧(ଡି.ଏନ.ଏ.): ବାଲେଶ୍ୱର ଜିଲା ବସ୍ତା ଥାନା ୬୦ ନଂ. ଜାତୀୟ ରାଜପଥର ଜୁଣବଳଦା ନିକଟରେ ଦୁର୍ଘଟଣାରେ ଆହତ ଜଣେ ବାଇକ୍ ଆରୋହୀଙ୍କୁ ସ୍ଥାନୀୟ ବିଡିଓ ନିଜ ସରକାରୀ ଗାଡ଼ିରେ ଡାକ୍ତରଖାନାକୁ ନେଇ ଚିକିତ୍ସିତ କରାଇବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ସୂଚନା ଅନୁଯାୟୀ, ବିଡିଓ ଜ୍ଞାନରଞ୍ଜନ ସାହୁ ସରକାରୀ କାମ ସାରି ବସ୍ତା ଫେରୁଥିଲେ। ଆହତ ବାଇକ୍ ଆରୋହୀଙ୍କୁ ଦେଖି ତାଙ୍କୁ ଗାଡ଼ିରେ ନେଇ ବସ୍ତା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଆହତ ଜଣଙ୍କ ହେଲେ ଅମର୍ଦ୍ଦା ଫାଣ୍ଡିର ଜଣେ କନଷ୍ଟେବଲ। ବିଡିଓଙ୍କ ଏଭଳି ଉଦ୍ୟମକୁ ସାଧାରଣରେ ପ୍ରଶଂସା କରାଯାଇଛି।

### ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ପରଲୋକ

ବଇଣ୍ଡା, ୩୦।୧(ଡି.ଏନ୍.ଏ.)-ଆଠମଲ୍ଲିକ ବ୍ଲକ ଆମ୍ବସରମୁଣ୍ଡା ପଞ୍ଚାୟତ ପୁଡ଼ାପଦର ଗ୍ରାମର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଟଙ୍କଧର ନାୟକ (୭୭)ଙ୍କ ଶନିବାର ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ସେ କିଛିଦିନ ହେଲା ଅସୁସ୍ଥ ଥିଲେ। ତାଙ୍କ ଅମରାତ୍ମାର ସଦ୍‌ଗତି କାମନା କରି ବଇଣ୍ଡା ସତ୍‌ସଙ୍ଗ କେନ୍ଦ୍ର ପରିସରରେ ରବିବାର ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଟଙ୍କଧରଙ୍କ ପରଲୋକରେ ବଇଣ୍ଡା, ଆମ୍ବସରମୁଣ୍ଡା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଭାଜପା ନେତା ଭାଗୀରଥି ପ୍ରଧାନ, ଅରବିନ୍ଦ ସାହୁ, ଧ୍ରୁବଚରଣ ସାହୁ, ଅଜିତ ପଟ୍ଟନାୟକ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ସମସ୍ୟା ଘେରରେ ଲୁହାମୁଣ୍ଡା ସୋସାଇଟି

## ଜିଲାପାଳଙ୍କୁ ଦାବିପତ୍ର

ବଇଣ୍ଡା, ୩୦।୧(ଡି.ଏନ୍.ଏ.)

କିଶୋରନଗର ବ୍ଲକ ବଇଣ୍ଡାସ୍ଥିତ ଲୁହାମୁଣ୍ଡା ସେବା ସମବାୟ ସମିତିରେ ସମସ୍ୟା ଲାଗିରହିଛି। ଆବଶ୍ୟକ ମୌଳିକ ସୁବିଧା ଉପଲବ୍ଧ ନ ଥିବାରୁ ଚାଷୀମାନେ ହଇରାଣ ହେଉଛନ୍ତି। ଏହାର ତୁରନ୍ତ ସମାଧାନ ଦାବିରେ ରବିବାର ଭାଜପା କୃଷକ ମୋର୍ଚ୍ଚା ଏବଂ ଅଞ୍ଚଳର ଚାଷୀ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି।

ଲୁହାମୁଣ୍ଡାରେ ସମବାୟ ସମିତି ଉପରେ କିଶୋରନଗର ଏବଂ ଆଠମଲ୍ଲିକ ବ୍ଲକର ୭ ପଞ୍ଚାୟତର ଚାଷୀ ନିର୍ଭରଶୀଳ। ଏହି ପୁରାତନ ସୋସାଇଟିରେ କୃଷି ଋଣ, ବିହନ ଯୋଗାଣ, ସୁଲଭ ଦରରେ ସାର ଯୋଗାଣ ଭଳି ବହୁବିଧ କାର୍ଯ୍ୟ ହେଉଛି।



ସୋସାଇଟି ସହ ସମ୍ପାଦକଙ୍କୁ ଚାଷୀ ପ୍ରତିନିଧି ଦଳ ଦାବିପତ୍ର ଦେଉଛନ୍ତି।

ଅମଳ ଧାନକୁ ଚାଷୀମାନେ ଏଠାରେ ବିକ୍ରି କରିଥାଆନ୍ତି। ତେବେ ଧାନ ସୁରକ୍ଷିତ ଭାବେ ରଖିବା ଲାଗି ଖଳା, ଶୌଚାଳୟ, ବିଶ୍ରାମାଗାର ନ ଥିବାରୁ ଚାଷୀମାନେ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। ସୁରକ୍ଷା ପାଚେରି ନ ଥିବାରୁ ବୁଲାଜନ୍ତୁ ଉପଦ୍ରବ କରୁଛନ୍ତି। ଏସବୁ ଦାବି ପୂରଣ କରିବାକୁ ଭାଜପା କୃଷକ ମୋର୍ଚ୍ଚା ଜିଲା ସାଧାରଣ ସମ୍ପାଦକ ପ୍ରବୀଣ ସାହୁ, ଚାଷୀ ସନ୍ତୋଷ ସାହୁ, ବନମାଳୀ ଧଳ, ବ୍ରଜବନ୍ଧୁ ସାହୁ, ବାପୁନ ସାହୁ, ନରେଶ ଚନ୍ଦ୍ର ସାହୁ ପ୍ରମୁଖ ଏକ ପ୍ରତିନିଧି ଦଳ ସୋସାଇଟିର ସହ ସମ୍ପାଦକ ଅଶୋକ କୁମାର ସାହୁଙ୍କ ଜରିଆରେ ଜିଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି। ଅପରପକ୍ଷେ ଚାଷୀଙ୍କ ଦାବି ସମ୍ପର୍କରେ ଜିଲା ପ୍ରଶାସନକୁ ଅବଗତ କରାଯିବ ବୋଲି ସୋସାଇଟି ସହ ସମ୍ପାଦକ କହିଛନ୍ତି।

# ମନେପଡ଼ିଲେ ମହାତ୍ମା

ଢେଙ୍କାନାଳ ଅଫିସ, ୩୦।୧

ଢେଙ୍କାନାଳ ସଚେତନ ନାଗରିକ ଫୋରମ୍ ପକ୍ଷରୁ ସ୍ଥାନୀୟ ବାପୁଜୀ ଉପ୍ରା ବିଦ୍ୟାଳୟରେ ରବିବାର ମହାତ୍ମା ଗାନ୍ଧୀଙ୍କ ମହାପ୍ରୟାଣ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବାପୁଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଫୋରମ୍‌ର କାର୍ଯ୍ୟକାରୀ ସଭାପତି ସୁରେନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟ ଅତିଥି ଭାବେ ଭାଜପା ଜିଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ମୁଖ୍ୟବକ୍ତା ରୂପେ ପୂର୍ବତନ ନଗରପାଳ ସୁନୀଲ୍ କୁମାର ଶର୍ମା, ଉପସଭାପତି ଆଇନଜୀବୀ ଦୀପକ ପ୍ରସାଦ ପଟ୍ଟନାୟକ, କ୍ରୀଡା ଉଦ୍‌ଘୋଷକ ଅମିୟ ଚାନ୍ଦ, ସହ ସମ୍ପାଦକ ଗୁପ୍ତେଶ୍ୱର ମିଶ୍ର ପ୍ରମୁଖ ଗାନ୍ଧୀଙ୍କ ଜୀବନାଦର୍ଶ ବିଷୟରେ ଆଲୋଚନା କରିଥିଲେ। ସମ୍ପାଦକ ଭରତ କୁମାର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦେବେନ୍ଦ୍ର ହିଂସ, ଅନୁକମ୍ପା ମିଶ୍ର, ପ୍ରତିମା ସ୍ୱାଇଁ, କଲ୍ୟାଣୀ ସାହୁ, ସୁକାନ୍ତ ମିଶ୍ର, ପ୍ରଣତୀ ପତି, ସନ୍ଧ୍ୟାରାଣୀ ମିଶ୍ର, ରୁଦ୍ର ପ୍ରକାଶ ଶରଣ ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଫୋରମ୍‌ର କର୍ମକର୍ତ୍ତା ଓ ଅନ୍ୟମାନେ।

# ତ୍ରିରଙ୍ଗା କ୍ରିକେଟ ଟୁର୍ନାମେଣ୍ଟ: ଜରଡ଼ା ଚାମ୍ପିୟନ



ଅତିଥିଙ୍କ ଗହଣରେ ଚାମ୍ପିୟନ ଟିମ୍।

କଣିହାଁ, ୩୦।୧(ଡି.ଏନ୍.ଏ.)

କଣିହାଁ ବ୍ଲକ ଡେରେଙ୍ଗ ଗ୍ରାମ ଖେଳପଡ଼ିଆରେ ତ୍ରିରଙ୍ଗା କ୍ଲବ୍ ପକ୍ଷରୁ ଆୟୋଜିତ ୨୨ତମ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ୍ ମ୍ୟାଚ୍‌ରେ ଡେରେଙ୍ଗକୁ ହରାଇ ଜରଡ଼ା ଚାମ୍ପିୟନ ହୋଇଛି। ପ୍ରଥମେ ବ୍ୟାଟିଂ କରି ଡେରେଙ୍ଗ ୭ ଉଇକେଟ ବିନିମୟରେ ୧୧୩ ରନ୍ ସଂଗ୍ରହ କରିଥିଲା। ଜବାବରେ ଜରଡ଼ା ୫ ଉଇକେଟ ହରାଇ ବିଜୟ ପାଇଁ ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ଜିତେନ୍ଦ୍ର ସାହୁ, ସହଦେବ ଦେହୁରୀ ମ୍ୟାଚ୍ ପରିଚାଳନା କରିଥିଲେ। ସାମାଜିକ କର୍ମୀ ସଂଯୁକ୍ତା ବେହେରା, ବିଚ୍ଛନ୍ଦ ସାହୁ, କ୍ଲବ ସଭାପତି ପବିତ୍ର ସାହୁ, ସମ୍ପାଦକ ମନ୍‌ଜିତ୍ ସାହୁ, କ୍ୟାପ୍‌ଟେନ୍ ଅନିଲ ସାହୁ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହି ଉଭୟ ଦଳକୁ ପୁରସ୍କୃତ କରିଥିଲେ।

# ମହିଳାଙ୍କୁ ବଳାତ୍କାର, ୨ ଗିରଫ

ଯୋଡ଼ା,୩୦।୧(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ଥାନା ବିଲେଇପଦା ଫାଣ୍ଡି ଅନ୍ତର୍ଗତ ଝାଡଖଣ୍ଡ ସୀମାନ୍ତରେ ହାଟରୁ ଫେରୁଥିବା ସମୟରେ ଜଣେ ମହିଳାଙ୍କୁ ବଳାତ୍କାର କରିଥିବା ଅଭିଯୋଗରେ ଦୁଇ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ସୁଧୀର ଓରାମ ଓ ନିରଞ୍ଜନ ବେହେରା।

ପୋଲିସ ସୂଚନା ଅନୁଯାୟୀ, ୨୮ ତାରିଖ ସନ୍ଧ୍ୟାରେ ପୁରୁଷୋତ୍ତମପୁର ହାଟରୁ ଘରକୁ ଯାଉଥିବା ସମୟରେ ଭନ ଗାଁ ଅଞ୍ଚଳର ସୁଧୀର ଓରାମ ଓ ନିରଞ୍ଜନ ବେହେରା ଦୁହେଁ ଏକ ବାଇକ୍‌ରେ ଆସି ଜବରଦସ୍ତ ଉକ୍ତ ମହିଳାଙ୍କୁ ଜବରଦସ୍ତି ଜଙ୍ଗଲକୁ ଟେକି ନେଇ ବଳାତ୍କାର କରିଥିଲେ। ପୀଡ଼ିତାଙ୍କ ପରିବାର ପକ୍ଷରୁ ଥାନାରେ ରବିବାର ଲିଖିତ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୧୬/୨୨) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ଯୋଡ଼ା ଆଇଆଇସି ପଦ୍ମାଳୟା ସାହୁ ସୂଚନା ଦେଇଛନ୍ତି ।

# 'ଗୁଳି, ଗାଳିରେ ଗାନ୍ଧୀ ବିଚାର ଅନ୍ତ ହେବନି'

ଅନୁଗୋଳ ଅଫିସ, ୩୦।୧

ଭାରତର ସ୍ୱାଧୀନତା ମହାତ୍ମା ଗାନ୍ଧୀଙ୍କ ସଂଗ୍ରାମର ଫଳ। ଏଭଳି ମହାମାନବଙ୍କୁ ଆଜି ଦେଶର ଖଳନାୟକ ସଜାଇବା ପାଇଁ ଯୋଜନାବଦ୍ଧ ଷଡ଼ଯନ୍ତ୍ର ଚାଲିଛି। କିନ୍ତୁ ଏହା ବୁଝିବା ଜରୁରୀ ଯେ, ଗୁଳି କିମ୍ବା ଗାଳିରେ ଗାନ୍ଧୀଙ୍କ ବିଚାରର ଅନ୍ତ ହେବନାହିଁ। ଦେଶରେ ହିଂସା ସବୁଠାରୁ ବଡ଼ ସମସ୍ୟା ଭାବେ ମୁଣ୍ଡ ଟେକିଛି। ଏହାକୁ ରୋକିବାକୁ ହେଲେ ଗାନ୍ଧୀଙ୍କ ବିଚାରକୁ ଅନୁସରଣ କରିବା ଜରୁରୀ। ଗାନ୍ଧିଜୀଙ୍କ ମହାପ୍ରୟାଣ ଦିବସ ହିଂସା ବିରୋଧରେ ସଂକଳ୍ପ ଏବଂ ପ୍ରାୟଶ୍ଚିତ୍ତର ଦିନ ବୋଲି ଅନୁଗୋଳସ୍ଥିତ ଗାନ୍ଧୀପାର୍କରେ ରବିବାର ଅନୁଷ୍ଠିତ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୭୪ତମ ମହାପ୍ରୟାଣ ଦିବସ ତଥା ଶହୀଦ ଦିବସରେ ମତପ୍ରକାଶ ପାଇଛି।

ଏହି ଉପଲକ୍ଷେ ପ୍ରାତଃ ୫ଟା ୧୭ରେ ବିଦ୍ୟାଧର ନାୟକ ସର୍ବଧର୍ମ ପ୍ରାର୍ଥନା ଗାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ସଭାପତି ଆଇନଜୀବୀ ଶରତ ସାହୁ, ସମ୍ପାଦକ ପ୍ରସନ୍ନ ଦାଶ, ଶଙ୍କର ବେହେରା, ସାମାଜିକ କର୍ମୀ ଅଜୟ ଭାଇ, ବରିଷ୍ଠ ଗଣମାଧ୍ୟମ ପ୍ରତିନିଧି ବିଶ୍ୱରଞ୍ଜନ ପଟ୍ଟନାୟକ, ରାଷ୍ଟ୍ରୀୟ ଯୁବା ସଙ୍ଗଠନର ଆଦ୍ୟଶ୍ଳୋକ ମିଶ୍ର, ଅସିତ୍ ପ୍ରସାଦ ପଣ୍ଡା, ଛୋଟରାୟ ମାଝି ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଗାନ୍ଧୀପ୍ରେମୀମାନେ।

# ମଞ୍ଜୁରୀରୋଡ୍ ଡାକ୍ତରଖାନାରେ କାୟାକଳ୍ପ ଟିମ୍‌ର ଅନୁଧ୍ୟାନ



ଡାକ୍ତରଖାନା ପରିଦର୍ଶନରେ ଆସିଥିବା କାୟାକଳ୍ପ ଟିମ୍ ସଦସ୍ୟ ଓ ଅନ୍ୟମାନେ।

ଭଣ୍ଡାରିପୋଖରୀ, ୩୦।୧ (ଡି.ଏନ.ଏ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରୀରୋଡ୍ ଡାକ୍ତରଖାନା ପରିଦର୍ଶନ କରିଛି କାୟାକଳ୍ପ ଟିମ୍। ଶନିବାର ଏହି ଟିମ୍ ସ୍ୱାସ୍ଥ୍ୟକେନ୍ଦ୍ରର ପରିବେଶ, ଭିତ୍ତିଭୂମି ଓ ଚିକିତ୍ସା ବ୍ୟବସ୍ଥା ସମ୍ପର୍କରେ ଅନୁଧ୍ୟାନ କରିଥିଲା। ବିଭାଗୀୟ ଅଧିକାରୀ ସରିତା ମହାପାତ୍ର, ଗୁଣବତ୍ତା ଅଧିକାରୀ ଅଭିଳାଷ ପାଣିଗ୍ରାହୀ ପ୍ରମୁଖ ଡାକ୍ତରଖାନାରେ ପହଞ୍ଚି ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କ ସହ ଆଲୋଚନା କରିଥିଲେ। ଡା. ରଶ୍ମିରଞ୍ଜନ ସାହୁ, ଆୟୁଷ ଡା. ଦେବାଶିଷ ପତି, କର୍ମଚାରୀ ନବଘନ ଦାସ, ଫାର୍ମାସିଷ୍ଟ ପ୍ରଣତି ପହି, ସେବା ଅଧିକାରୀ ବନଲତା ମହାପାତ୍ର, ଯୋଗ ପ୍ରଶିକ୍ଷିକା ମଞ୍ଜୁଲତା ମାଝି, ସ୍ୱାସ୍ଥ୍ୟ କର୍ମଚାରୀ ସୁମିତ୍ରା ସୁତାର, ରଶ୍ମିବାଳା ନାୟକ, ରୁଦ୍ର ନାରାୟଣ କବି, ଯଶୋବନ୍ତ ପହି, ପ୍ରଶାନ୍ତ ବାରିକ, ଶ୍ରୀଧର ଜେନା, ଚୀନା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଗହଣା ଦୋକାନରୁ ଚୋରି

ବାରିପଦା ଅଫିସ, ୩୦।୧

ମୟୂରଭଞ୍ଜ ଜିଲା ବାରିପଦା ଟାଉନ ଥାନା ଅଧୀନ ରଘୁନାଥପୁର ସ୍ଥିତ ଏକ ଗହଣା ଦୋକାନରୁ ଶନିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ସୁନା ରୁପା ଚୋରି କରି ନେଇଛନ୍ତି। ସେହିପରି ଅନ୍ୟ ଏକ ଗହଣା ଦୋକାନରୁ ଚୋରି ଉଦ୍ୟମ କରାଯାଇଛି। ଏନେଇ ଅଭିଯୋଗ କ୍ରମେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଦୁର୍ବୃତ୍ତମାନେ ବିଳମ୍ବିତ ରାତିରେ କୃଷ୍ଣ ଗହଣା ଦୋକାନ ସଟର୍ ଭାଙ୍ଗି ଭିତରକୁ ପଶି ଲକ୍ଷାଧିକ ଟଙ୍କାର ଗହଣା ଚୋରି କରି ନେଇଯାଇଛନ୍ତି। ଦୋକାନ ମାଲିକ ସୁକାନ୍ତ ମୋଲ୍ ଏନେଇ ଥାନାରେ ଏତଲା ଦେଇଛନ୍ତି। ସେହିପରି ଜ୍ୟୋତି ଦୋକାନ ସଟର ଭାଙ୍ଗିବାକୁ ଚେଷ୍ଟା କରିଥିଲେ ହେଁ ଭିତରକୁ ପଶିପାରି ନାହାନ୍ତି। ଦୋକାନରେ ସମସ୍ତ ଗହଣା ସୁରକ୍ଷିତ ରହିଥିବା ମାଲିକ ଗଣେଶ୍ୱର ରଣା ଜଣାଇଥିବା ଥାନାଧିକାରୀ ବୀରେନ୍ଦ୍ର ସେନାପତି କହିଛନ୍ତି। ତେବେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ୍ ଆଧାରରେ ତଦନ୍ତ ଜାରି ରଖିଛି।

# ଲାଗିହେଲା ୧୦୦୮ ପ୍ରକାର ଭୋଗ

## ପୀତାମ୍ବରା ସିଦ୍ଧ ମହାଶକ୍ତିପୀଠର ବାର୍ଷିକୋତ୍ସବ, ମା' ବଗଳାମୁଖୀଙ୍କ ଜନ୍ମ ଉତ୍ସବ

ବାଲେଶ୍ୱର ଅଫିସ,୩୦।୧

ବାଲେଶ୍ୱର ସହର ଉପକଣ୍ଠ କୁରୁଡ଼ା ନିକଟସ୍ଥ ଶ୍ରୀଶ୍ରୀ ପୀତାମ୍ବରା ସିଦ୍ଧ ମହାଶକ୍ତିପୀଠର ନବମ ବାର୍ଷିକୋତ୍ସବ ଓ ମା' ବଗଳାମୁଖୀଙ୍କ ଜନ୍ମ ଉତ୍ସବ ପାଳିତ ହୋଇଯାଇଛି। ପୀଠ ପରିସରରେ ଅଧିଷ୍ଠାତ୍ରୀ ଦେବୀ ମା' ବଗଳାମୁଖୀ ଓ ଅନ୍ୟ ଦେବାବେଦୀଙ୍କ ଅଭିଷେକ ଓ ଅର୍ଚ୍ଚନା ସହିତ ଯଜ୍ଞାଦିକର୍ମ ଅନୁଷ୍ଠିତ ହୋଇଥିଲା।

ଗତ ଶୁକ୍ରବାର କଳସ ଶୋଭାଯାତ୍ରା ଓ ଘଟ ଉତ୍ତୋଳନ ସହ ବୈଦିକ ରୀତିରେ ଯଜ୍ଞକାର୍ଯ୍ୟ ଆରମ୍ଭ ହୋଇଥିଲା। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ବିଜ୍ଞ ପଣ୍ଡିତ ମାନଙ୍କ ଦ୍ୱାରା ସୂର୍ଯ୍ୟପୂଜା, ଗୁରୁପୂଜା, ମଣ୍ଡଳାଦର୍ଶନ, ଅଗ୍ନିସ୍ଥାପନ, ଶ୍ରୀମନ୍ଦିରରୁ ମା'ଙ୍କ ଯଜ୍ଞ ମଣ୍ଡପକୁ ଆଗମନ, ଅର୍ଚ୍ଚନା, ସହସ୍ରାଦି ବଗଳା ମନ୍ତ୍ରରେ ଯଜ୍ଞାହୁତି ପ୍ରଦାନ କରାଯିବା ସହ ସନ୍ଧ୍ୟାରେ ପୁନର୍ବାର ମନ୍ଦିରକୁ ମା'ଙ୍କ ପ୍ରତ୍ୟାବର୍ତ୍ତନ ଇତ୍ୟାଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସିଦ୍ଧ ମହାଶକ୍ତିପୀଠାଧୀଶ ଆଚାର୍ଯ୍ୟ ରବିନାରାୟଣ ମିଶ୍ର ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ବିଧିପୂର୍ବକ ସମାପନ ହୋଇଥିଲା। ଜନ୍ମୋତ୍ସବ ଅବସରରେ ମା'ଙ୍କୁ ୧୦୦୮ ପ୍ରକାରର ବିଭିନ୍ନ ବ୍ୟଞ୍ଜନ, ମିଷ୍ଟାନ୍ନ, ଫଳମୂଳାଦି ପ୍ରସାଦ ଲାଗି କରାଯାଇଥିଲା।



ମା'ଙ୍କ ନିକଟରେ ଲାଗି ହୋଇଥିବା ୧୦୦୮ ପ୍ରକାରର ଭୋଗ।

# ନାଲ୍‌କୋ ଭେଟେରାନ୍ କ୍ରିକେଟ ଆରମ୍ଭ

ବଣ୍ଡରପାଳ, ୩୦।୧(ଡି.ଏନ୍.ଏ.)

ଅନୁଗୋଳ ଜିଲା ନାଲ୍‌କୋ ଷ୍ଟାଡିୟମ୍‌ରେ ରବିବାରଠାରୁ ଆରମ୍ଭ ହୋଇଛି ପ୍ରଥମ ଭେଟେରାନ୍ କ୍ରିକେଟ ଟୁର୍ନାମେଣ୍ଟ। ଏକ୍‌ଜିକ୍ୟୁଟିଭ୍ ଏବଂ ନନ୍‌ଏକ୍‌ଜିକ୍ୟୁଟିଭ୍ ଦଳ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଖେଳାଯାଇଥିଲା। ଏକ୍‌ଜିକ୍ୟୁଟିଭ୍ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୧୦୫ ରନ୍ ସଂଗ୍ରହ କରିଥିଲା। ସୁନୀଲ ସିଂ ୩୪ ଏବଂ ପାଲ୍ କୁମାର ୨୦ ରନ୍ କରିଥିଲେ। ଜବାବରେ ନନ୍‌ଏକ୍‌ଜିକ୍ୟୁଟିଭ୍ ଦଳ ୧୬ ଓଭରରେ ବିଜୟ ପାଇଁ ଆବଶ୍ୟକ ରନ୍ ସଂଗ୍ରହ କରି ନେଇଥିଲା। ବ୍ୟକ୍ତିଗତ ଭାବେ ୪୫ ରନ୍ କରିବା ସହିତ ୩ ଉଇକେଟ ନେଇଥିବା ବିଜୟୀ ଦଳର ମୋହନ ସେଠ 'ମ୍ୟାନ ଅଫ ଦି ମ୍ୟାଚ' ବିବେଚିତ ହୋଇଥିଲେ। ଆର୍.ଆଇ. ମୁକ୍ତେଶ୍ୱର, ମୋହନ ନାୟକ ଅତିଥି ଭାବେ ଯୋଗଦେଇ ଉଭୟ ଦଳକୁ ଉତ୍ସାହିତ କରାଇଥିଲେ।



ଉଦ୍‌ଘାଟନୀ ମ୍ୟାଚ୍‌ରେ ଉଭୟ ଦଳର ଖେଳାଳି।

# ହାତୀ ଚଳପ୍ରଚଳରେ ବାଧକ ଟ୍ରକ୍ ପାର୍କିଂ

କେନ୍ଦୁଝର, ୩୦।୧ (ସ୍ୱ.ପ୍ର.)

କେନ୍ଦୁଝର ଜିଲାରେ ହାତୀମାନଙ୍କ ଅପେକ୍ଷା ଖଣିଖାଦାନ ଓ ଖଣି ପରିବହନକୁ ଗୁରୁତ୍ୱ ଦିଆଯାଉଛି। ଫଳରେ ହାତୀ ମାନଙ୍କ ଚଳପ୍ରଚଳ ସଙ୍କୁଚିତ ହେବା ସହ ଚଲାପଥ ଅବରୋଧ ହୋଇଯାଉଥିବାରୁ ହାତୀ ପଲ ବିବ୍ରତ ହୋଇ ଆଖପାଖ ଅଞ୍ଚଳରେ ଉପଦ୍ରବ ଚଳାଉଛନ୍ତି। ସେହିପରି ରାସ୍ତାରେ ଶହ ଶହ ଟ୍ରକ ଲମ୍ବାଧାଡି ଏବଂ ହାତୀ ଚଲାପଥ ଅଞ୍ଚଳରେ ଟ୍ରକ ପାର୍କିଂ ଯୋଗୁ ହାତୀ ପଲ ଚଳାଚଳ କରିପାରୁ ନାହାନ୍ତି।

ବିଶେଷ କରି ଟ୍ରକ ଲମ୍ବା ଧାଡି ଯୋଗୁଁ ଭୂୟାଁ ଓ ଜୁଆଙ୍ଗ ପୀଢ ରେଞ୍ଜ୍ ଅଧୀନ କାଇପୁର ଠାରୁ ଅଞ୍ଜର ପର୍ଯ୍ୟନ୍ତ ରାସ୍ତା (ଏନ୍ଏଚ୍-୪୯) ରେ ହାତୀ ପଲ ରାସ୍ତା ପାର ହୋଇପାରୁ ନାହାନ୍ତି। ଏହି କାରଣରୁ ଗତ କିଛି ଦିନ ହେଲା ଭେଜିଡିହି-ତଳକାଇଁସାରୀ ଜଙ୍ଗଲରେ (ବଡଘାଗରା ରାସ୍ତା) ୯ ଟି ହାତୀ ରହିଥିଲେ ହେଁ କୁଆଡେ ଯାଇପାରୁ ନ ଥିବାରୁ ସ୍ଥାନୀୟ ଲୋକେ ଭୟଭୀତ ହୋଇ ପଡୁଛନ୍ତି। ରେଞ୍ଜ୍ ଅଫିସ ଠାରୁ ମାତ୍ର ୧ କି.ମି. ମଧ୍ୟରେ ହାତୀପଲ ସାନମାଛକାନ୍ଦଣା ନଦୀ କୂଳ ଜଙ୍ଗଲରେ ଅଟକି ରହିଥିବାରୁ ସେମାନେ ଉତକ୍ଷିପ୍ତ ହୋଇ ଉପଦ୍ରବ କରୁଛନ୍ତି। ସେହିପରି ବଡଘାଗରାକୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଭୋଜିଭାତ କରିବା ଓ ବୁଲିବାକୁ ଯାଉଥିବାରୁ ସେମାନଙ୍କ ପାଇଁ ମଧ ବିପଦ ଆଶଙ୍କା ରହୁଛି ।

ସେହିପରି କାଇପୁର ନିକଟରେ ରାସ୍ତା କଡରେ ହାତୀ ଚଳପ୍ରଚଳ ଅଞ୍ଚଳରେ ହଜାର ହଜାର ସଂଖ୍ୟାରେ ଟ୍ରକ ପାର୍କିଂ କରୁଥିବା କାରଣରୁ ହାତୀ ମାନେ ବୁଲାବୁଲିରେ ସମସ୍ୟା ଭୋଗୁଛନ୍ତି । ଟ୍ରକ ଗୁଡିକର ଉଜ୍ଜ୍ୱଳ ଆଲୋକ ତଥା ବିକଟାଳ ହର୍ନ ଯୋଗୁ ହାତୀ ମାନେ ରାସ୍ତା ପାର ହୋଇ ଗୋଟିଏ ଜଙ୍ଗଲରୁ ଅନ୍ୟ ଜଙ୍ଗଲକୁ ଯିବା ଆସିବା କରିପାରୁନାହାନ୍ତି। ଏହାର ପ୍ରତିକାର କରିବାକୁ ପରିବେଶବିତ ମାନେ ଦାବି କରିଛନ୍ତି। ଏନେଇ କିଛି ମାସ ତଳେ ଜିଲା ପରିଷଦ ଅଧକ୍ଷା କମଳିନୀ ପାତ୍ର କେନ୍ଦୁଝର ଡିଏଫଓ ଏବଂ ଉପଜିଲାପାଳଙ୍କୁ ଚିଠି ଲେଖି ସମସ୍ୟା ଜଣାଇଥିଲେ ହେଁ କୌଣସି ସମାଧାନ କରାଯାଇନାହିଁ କିମ୍ବା ତାଙ୍କୁ ଯାଞ୍ଚ ରିପୋର୍ଟ ଦିଆଯାଇ ନ ଥିବାରୁ ଅସନ୍ତୋଷ ବ୍ୟକ୍ତ କରି ଉଚ୍ଚ ଅଧିକାରୀଙ୍କୁ ଜଣାଇଥିବା କହିଛନ୍ତି।



ଏନ୍ଏଚ୍ ୪୯ରେ ଟ୍ରକ୍ ଗୁଡ଼ିକ ଲାଇନ୍ ହୋଇ ରହିଛି।

